# ଇସ୍ତାହାର

ନଂ ________________ ତା ________________________

ଏତଦଦ୍ବାରା ସମସ୍ତ ସଚେତନ ନାଗରିକ ମାନଙ୍କୁ ଜଣାଇ ଦିଆଯାଉ ଅଛି କି ପୁରୀ ସହର ଓ ପାଶ୍ବବର୍ତ୍ତୀ ଅଞ୍ଚଳରେ କିଛି ଖଳ ପ୍ରକୃତିର ଜାଗା ମାଫିଆ ମାନେ ସରକାରୀ ଜାଗାକୁ ବେନିୟମ ଭାବେ ଲୋକ ମାନଙ୍କୁ ପ୍ରବଞ୍ଚନା ପୂର୍ବକ ବିକ୍ରି କରିବାର ନଜିର ଅତ୍ର କାର୍ଯ୍ୟାଳୟ ର ଦୃଷ୍ଟି ଗୋଚର କୁ ଆସିଅଛି । ଅନ୍ୟ କିଛି ଲୋକ ସରକାରୀ ଜମି କୁ ଅବରୋଧ କରି ତା ଉପରେ ବେନିୟମ ଭାବେ କୋଠା ବାଡି ତିଆରି କରୁଛନ୍ତି ।

ତେଣୁ ଏହି ଇସ୍ତାହାର ମାଧମ ରେ ସମସ୍ତଙ୍କୁ ଜଣାଇ ଦିଆଯାଉ ଅଛି କି ଏଭଳି ବେଆଇନ କାର୍ଯ୍ୟ ଓ ଖଳ ପ୍ରକୃତି ର ଲୋକ ମାନଙ୍କଠାରୁ ଦୂରେଇ ରହନ୍ତୁ ନଚେତ ପ୍ରଶାସନ ସେମାନଙ୍କ ବିରୁଦ୍ଧରେ OPLE Act’ 1972 & OPP (EUO) Act ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ। ପୁନଶ୍ଚ ସମସ୍ତ ସଚେତନ ନାଗରିକ ମାନଙ୍କୁ ଅନୁରୋଧ ଯଦି ଏଭଳି ବେଆଇନ ନିର୍ମାଣ କାର୍ଯ୍ୟ କୌଣସି ଠାରେ ଚାଲୁ ଥାଏ ତେବେ ଅତ୍ର କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ରାଜସ୍ବ ନିରିକ୍ଷକ(R.I.) କାର୍ଯ୍ୟାଳୟ ରେ ଜଣାଇ ପ୍ରଶାସନ କୁ ସାହାଯ୍ୟ କରିବା ପାଇଁ ବିନମ୍ର ଅନୁରୋଧ ।

ସ୍ବା /-

ତହସିଲଦାର, ପୁରୀ

ଏହାର ଏକକିତା ନକଲ ସମସ୍ତ ରାଜସ୍ୱ ନିରିକ୍ଷକ ମାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଗଲା । ତତ ସହିତ ସମସ୍ତ ଜନଗହଳି ପୂର୍ଣ୍ଣ ସ୍ଥାନ ମାନଙ୍କ ରେ ନିଜ ନିଜର କାର୍ଯ୍ୟାଳୟ ରେ ଏହି ଇସ୍ତାହାର କୁ ପ୍ରଦର୍ଶିତ କରାଇବେ ।

**ତହସିଲଦାର, ପୁରୀ**

ଏହାର ନକଲ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୁରୀ ପୌରାଞ୍ଚଳଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବାର୍ତ୍ତା ଟିକୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ mike ଯୋଗେ ପ୍ରଚାର କରିବା ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଗଲା ।

**ତହସିଲଦାର, ପୁରୀ**

ଏହାର ଏକକିତା ନକଲ କାର୍ଯ୍ୟ ନିର୍ବାହୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ପୁରୀଙ୍କୁ ପ୍ରେରଣ କରାଗଲା । ଏହି ବାର୍ତ୍ତା ଟିକୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ mike ଯୋଗେ ପ୍ରଚାର କରିବା ପାଇଁ ଅନୁରୋଧ କରାଗଲା ।

**ତହସିଲଦାର, ପୁରୀ**

ଏହି ଇସ୍ତାହାରଟିକୁ ଜିଲ୍ଲା web portalରେ ସର୍ବ ସାଧାରଣଙ୍କ ଅବଗତି ପାଇଁ web host କରିବା ପାଇଁ DIO, NIC, Puri ଙ୍କୁ ଅନୁରୋଧ କରାଗଲା ।

**ତହସିଲଦାର, ପୁରୀ**

ଏହାର ଏକକିତା ନକଲ ଉପ ଜିଲ୍ଲାପାଳ, ପୁରୀ / ଜିଲ୍ଲାପାଳ, ପୁରୀ ଙ୍କ ଅବଗତି ପାଇଁ ପ୍ରେରଣ କରାଗଲା ।

**ତହସିଲଦାର, ପୁରୀ**